# India Foundation for the Arts (IFA)
# ଏହାର କଳା ଅନୁସନ୍ଧାନ କାର୍ଯ୍ୟକ୍ରମ ପାଇଁ
# ପ୍ରସ୍ତାବ ଆହ୍ୱାନ କରୁଛନ୍ତି
## ଆବେଦନ ସମୟସୀମା :୧୬ ଅଗଷ୍ଟ ୨୦୨୩, ବୁଧବାର ରାତ୍ର ୧୧:୫୯ ପର୍ଯ୍ୟନ୍ତ

IFAର କଳା ଅନୁସନ୍ଧାନ କାର୍ଯ୍ୟକ୍ରମ ବିଭିନ୍ନ ବିଭାଗରେ କାର୍ଯ୍ୟରତ ତଥା ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତିବିଶେଷ, ଗବେଷକ ତଥା କଳା ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଭାରତର ବିଭିନ୍ନ ଇତିହାସ ଓ କଳା ଅଭ୍ୟାସର ଅଭିବ୍ୟକ୍ତି ଗବେଷଣା ପାଇଁ ପ୍ରୋତ୍ସାହିତ କରିଥାଏ। ଏହା କଳା ପ୍ରତି ବ୍ୟକ୍ତିବିଶେଷଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରଖର କରିବା ସଂଗେ ସଂଗେ ଏହାର ବ୍ୟାଖ୍ୟା ଓ ବୁଝାମଣା ବ୍ୟାପକ କରିବାକୁ ଚେଷ୍ଟା କରିଥାଏ।

IFA ତା'ର କଳା ଅନୁସନ୍ଧାନ କାର୍ଯ୍ୟକ୍ରମ ପାଇଁ ଗବେଷକ ଓ କଳା ସହିତ ଜଡ଼ିତ ବ୍ୟକ୍ତିମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରୁଛି। ମନୋନିତ ପ୍ରକଳ୍ପଗୁଡ଼ିକ IFA ମାଧ୍ୟମରେ ପରିଚାଳିତ କରାଯିବ। ଏ ପ୍ରକଳ୍ପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଅବହେଳିତ ତଥା ଅନୁସନ୍ଧାନ ହୋଇନଥିବା କ୍ଷେତ୍ରଗୁଡ଼ିକୁ ନୂତନ ଆଲୋକରେ ଉଦ୍ଭାସିତ କରିବା, ସିଦ୍ଧାନ୍ତ ଓ ବାସ୍ତବିକ କାର୍ଯ୍ୟକାରିତା ମଧ୍ୟରେ ଥିବା ଦୂରତା ହ୍ରାସ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା, କଳାତ୍ମକ ଅଭିବ୍ୟକ୍ତିକୁ ନୂତନ ଦୃଷ୍ଟିକୋଣ ସହ ବିଚାର କରିବା, ଏବଂ ଏକ ଆନ୍ତଃ-ବିଭାଗୀୟ ଆଭିମୁଖ୍ୟ ଅବଲମ୍ବନ କରି ନୂତନ ଜ୍ଞାନ ସୃଷ୍ଟି କରିବା।

ପ୍ରସ୍ତାବରେ ଗବେଷଣାର ଉଦ୍ଦେଶ୍ୟ, ପୃଷ୍ଠଭୂମି ବିଷୟରେ ବିଶଦ ବିବରଣୀ, ଗବେଷଣାତ୍ମକ ପ୍ରଶ୍ନ, ପ୍ରସଙ୍ଗ ଆଧାରିତ ଗବେଷଣା ପଦ୍ଧତି, ତଥା ଗବେଷଣାର ନିର୍ଦ୍ଦିଷ୍ଟ ପରିଣାମ ଉଲ୍ଲେଖ ହୋଇଥିବା ଆବଶ୍ୟକ। ଉକ୍ତ ପରିଣାମକୁ ସାର୍ବଜନୀନ କରାଯିବ। ଏହି ପରିଣାମ ବହି, ପ୍ରବନ୍ଧ, ଚଳଚିତ୍ର, ୱେବସାଇଟ୍ ଓ ପ୍ରଦର୍ଶନୀ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ଏ ପ୍ରସ୍ତାବ ଆହ୍ୱାନକୁ ଅନ୍ୟ ଭାରତୀୟ ଭାଷାରେ ପଢ଼ିବା ପାଇଁ ଏହିଠାରେ କ୍ଲିକ୍ କରନ୍ତୁ (Click here)

**ପ୍ରକଳ୍ପର ଅବଧି :-**

ଅତି କମ୍‌ରେ ଏକବର୍ଷ ଓ ସର୍ବାଧିକ ଅଠର ମାସ।

**ବଜେଟର ପରିମାଣ :-**

ଆପଣଙ୍କ ଦ୍ୱାରା ଦାଖଲ ବଜେଟର ପରିମାଣ ୫ଲକ୍ଷ ଟଙ୍କା ମଧ୍ୟରେ ହେବା ଆବଶ୍ୟକ।

**ଆବେଦନ କରିବାର ସମୟସୀମା :-**

ବୁଧବାର, ଅଗଷ୍ଟ ୧୬, ୨୦୨୩, ଭାରତୀୟ ସମୟ ରାତ୍ର ୧୧ଟା ୫୯ ମିନିଟ ପର୍ଯ୍ୟନ୍ତ।

**କେଉଁମାନେ ଆବେଦନ କରିପାରିବେ ?**

ବିଭିନ୍ନ ବିଭାଗରେ କାର୍ଯ୍ୟରତ ତଥା ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତିବିଶେଷ, ଗବେଷକ, ତଥା କଳା ସହିତ ଜଡିତ ବ୍ୟକ୍ତିବିଶେଷ ଆବେଦନ କରିପାରିବେ।

ଆବଦେନକାରୀ ଜଣେ ଭାରତୀୟ ହୋଇଥିବା ଆବଶ୍ୟକ। ଏପରିକି ସହଯୋଗୀ ଅଧ୍ୟୟନକାରୀ ମଧ୍ୟ ଭାରତୀୟ ହୋଇଥିବା ଆବଶ୍ୟକ।

(ଯୋଗ୍ୟତା ବିଷୟରେ ଅଧିକ ଜାଣିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ଏହିଠାରେ କ୍ଲିକ୍ କରନ୍ତୁ।)

(Click here)

**କିପରି ଆବେଦନ କରାଯାଇପାରିବ ?**

—ଆପଣଙ୍କ ପ୍ରସ୍ତାବରେ ଗବେଷଣାର ଉଦ୍ଦେଶ୍ୟ, ପୃଷ୍ଠଭୂମି ବିଷୟରେ ବିଶଦ ବିବରଣୀ, ଗବେଷଣାତ୍ମକ ପ୍ରଶ୍ନ, ପ୍ରସଙ୍ଗ ଆଧାରିତ ପଦ୍ଧତି, ତଥା ଗବେଷଣାର ନିର୍ଦ୍ଦିଷ୍ଟ ପରିଣାମ ଉଲ୍ଲେଖ ହୋଇଥିବା ଆବଶ୍ୟକ।

—ଆପଣ ବ୍ୟବହାର କରିବାକୁ ଥିବା ସହାୟକ ସାମଗ୍ରୀ ଯାହା ଆପଣଙ୍କ ଗବେଷଣାକୁ ନିର୍ଦ୍ଦିଷ୍ଟ ଦିଗ ପ୍ରଦାନ କରୁଥିବ, ତାହା ବିଷୟରେ ଲେଖନ୍ତୁ।

—ଆପଣଙ୍କର Curriculam Vitae ସଂଲଗ୍ନ କରନ୍ତୁ।

—ଆପଣ ଆଶା କରୁଥିବା ଅର୍ଥକୁ ନିର୍ଦ୍ଦିଷ୍ଟ ଭାବରେ କେଉଁଭଳି ଖର୍ଚ୍ଚ କରିବାକୁ ଚାହାନ୍ତି ଜଣାନ୍ତୁ। ଅନ୍ୟ କେଉଁ ଉତ୍ସରୁ ପାଇବାକୁ ଥିବା ଅର୍ଥ ଯଦି କିଛି ଥାଏ ଏହା ବିଷୟରେ ବିଶଦ ବିବରଣୀ ଦିଅନ୍ତୁ।

—ଆପଣଙ୍କର ଠିକଣା, ଟେଲିଫୋନ୍ ନମ୍ବର, ଇ-ମେଲ୍ ଠିକଣା ଜଣାନ୍ତୁ।

**ସାଧାରଣ ସୂଚନା :-**

—ଆପଣଙ୍କୁ ପ୍ରଦାନ କରାଯାଉଥିବା ଅର୍ଥ ପ୍ରକଳ୍ପ ସମ୍ବନ୍ଧୀୟ ବ୍ୟକ୍ତିଗତ ଖର୍ଚ୍ଚ, କାର୍ଯ୍ୟକଳାପ ଓ ଭ୍ରମଣ ସମ୍ବନ୍ଧୀୟ ଖର୍ଚ୍ଚକୁ ଭରଣା କରିବ। ଆବଶ୍ୟକ ସ୍ଥଳେ ପ୍ରକଳ୍ପ ସମ୍ବନ୍ଧୀୟ ଯନ୍ତ୍ରପାତି ଭଡ଼ା ଓ ସାମଗ୍ରୀ କିଣାରେ ବ୍ୟବହାର କରାଯାଇପାରିବ।

—ଆପଣ ବଜେଟ୍ ଅର୍ଥକୁ ପ୍ରକଳ୍ପ ସମ୍ବନ୍ଧୀୟ କେଉଁ କାର୍ଯ୍ୟରେ କେଉଁ ଭାବରେ ବିନିଯୋଗ କରିବାକୁ ଚାହାନ୍ତି, ନିର୍ଦ୍ଦିଷ୍ଟ ଭାବେ ଜଣାନ୍ତୁ।

—ଆପଣ ବ୍ୟକ୍ତିଗତ ପାରିଶ୍ରମିକ ପାଇଁ ଅନୁରୋଧ କରିପାରିବେ ମାତ୍ର, ଏହି ପରିମାଣ ବଜେଟ୍ ହୋଇଥିବା ଅର୍ଥର ୩୫% ରୁ ଅଧିକ ହୋଇନଥିବା ଆବଶ୍ୟକ।

—ଆନୁସଙ୍ଗିକ ଖର୍ଚ୍ଚ, ନିର୍ମାଣ ଖର୍ଚ୍ଚ, କିମ୍ବା ଭିତ୍ତିଭୂମି ବିକାଶ ପାଇଁ କୌଣସି ଅର୍ଥ ପ୍ରଦାନ କରାଯିବ ନାହିଁ। ସାଧାରଣ ଭାବେ ଆପଣ କୌଣସି ଉପକରଣ ମଧ୍ୟ କିଣିପାରିବେ ନାହିଁ। ଯଦି ପ୍ରକଳ୍ପ ସମ୍ବନ୍ଧୀୟ ଯନ୍ତ୍ରପାତି ନିହାତି ଭାବେ କିଣିବା ଆବଶ୍ୟକ ହୁଏ, ପ୍ରକଳ୍ପ ସମାପ୍ତ ହେବା ପରେ ଏହାକୁ IFA କୁ ଫେରାଇବାକୁ ହେବ।

**ଚୟନ ପ୍ରକ୍ରିୟା :**

ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରସ୍ତାବଗୁଡ଼ିକ ଅନୁଷ୍ଠାନ ବାହାରୁ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ବିଶେଷଜ୍ଞମଣ୍ଡଳୀ ଦ୍ୱାରା ମୂଲ୍ୟାଙ୍କନ କରାଯିବ। ଆବେଦନକାରୀମାନଙ୍କୁ ସେମାନଙ୍କ ପ୍ରସ୍ତାବ ଏହି ବିଶେଷଜ୍ଞମାନଙ୍କ ସାମନାରେ ଉପସ୍ଥାପନ କରିବାକୁ ପଡିପାରେ। ମନୋନୀତ ପ୍ରକଳ୍ପଗୁଡ଼ିକ ସଂପର୍କରେ ଘୋଷଣା ୨୦୨୩ ମସିହା ଡିସେମ୍ବର ମାସରେ କରାଯିବ। ପ୍ରକଳ୍ପ ଚୟନ ସଂପର୍କିତ ସମସ୍ତ ବିଷୟରେ IFA ର ନିଷ୍ପତ୍ତି ଚୂଡାନ୍ତ ହେବ।

**ପ୍ରସ୍ତାବ ଦାଖଲ :-**

ଇଂରାଜୀ ସମେତ ଯେ କୌଣସି ଭାରତୀୟ ଭାଷାରେ ପ୍ରସ୍ତାବ ଲେଖାଯାଇପାରିବ। IFA ଯେ କୌଣସି ଭାରତୀୟ ଭାଷାରେ ଲେଖାଯାଇଥିବା ପ୍ରସ୍ତାବକୁ ପ୍ରୋତ୍ସାହିତ କରେ। ଏହା ଦ୍ୱାରା ସେ ନିର୍ଦ୍ଦିଷ୍ଟ ଭାଷାରେ ଉପଲବ୍ଧ ଆଲୋଚନା ଆହୁରି ପରିପୁଷ୍ଟ ହୋଇପାରିବ ବୋଲି IFA ଆଶା କରେ।

—ପ୍ରସ୍ତାବ ପଠାଇବା ପୂର୍ବରୁ ଯଦି ପ୍ରକଳ୍ପ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପଚାରିବାକୁ ଚାହାନ୍ତି, ତେବେ ଦୟାକରି ହର୍ଶିତା ବଠ୍‌ୱାଲ, ପ୍ରୋଗ୍ରାମ ଅଫିସର, ଆର୍ଟସ ରିସର୍ଚ୍ଚଙ୍କୁ harshita@indiaifa.org ରେ ଜୁଲାଇ ୩୧,୨୦୨୩, ସୋମବାର ପୂର୍ବରୁ ଯୋଗାଯୋଗ କରିପାରନ୍ତି। ବାର୍ତ୍ତାର ଶିରୋନାମା "Project Proposal for Arts Research" ବୋଲି ଲେଖିବାକୁ ଭୁଲନ୍ତୁ ନାହିଁ।

—ଅନ୍ତିମ ପ୍ରସ୍ତାବଟି ସମସ୍ତ ସହାୟକ ସାମଗ୍ରୀ ସହିତ ୨୫ ଏମ୍.ବି.ରୁ ଅଧିକ ହୋଇନଥିବା ଗୋଟିଏ ଇମେଲରେ ଅଗଷ୍ଟ ୧୬, ୨୦୨୩, ବୁଧବାର ଭାରତୀୟ ସମୟ ଅନୁସାରେ ରାତି ୧୧.୫୯ ମିନିଟ୍ ପୂର୍ବରୁ harshita@indiaifa.org କୁ ମେଲ୍ କରନ୍ତୁ।

—ଅସଂପୂର୍ଣ୍ଣ ଥିବା କୌଣସି ପ୍ରସ୍ତାବ କିମ୍ବା ଯୋଗ୍ୟତା ମାନଦଣ୍ଡ ପୂରଣ କରୁନଥିବା କୌଣସି ଆବେଦନକାରୀଙ୍କର ପ୍ରସ୍ତାବ ଗ୍ରହଣୀୟ ହେବ ନାହିଁ।

—ସମସ୍ତ ମନୋନୀତ ପ୍ରସ୍ତାବ IFA ଦ୍ୱାରା କାର୍ଯ୍ୟକାରୀ କରାଯିବ।

—ଦୟାକରି ଧ୍ୟାନ ଦିଅନ୍ତୁ ଯେ, IFA ଏପରି ଏକ ପରିବେଶ ସୃଷ୍ଟି କରିବାକୁ ଚାହେଁ ଯାହା ପିଲାମାନଙ୍କ ସମେତ ସମସ୍ତଙ୍କୁ ସମର୍ଥନ, ସମ୍ମାନ ଓ ନିରାପତ୍ତା ପ୍ରଦାନ କରିପାରିବ। ସମସ୍ତ ଆବେଦନକାରୀ IFAର ଏ ଚିନ୍ତାଧାରାକୁ ସମ୍ମାନ ଜଣାଇବା ସହ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ।

—ଏହି କଳା ଅନୁସନ୍ଧାନ କାର୍ଯ୍ୟକ୍ରମଟି BNP Paribas Indiaଙ୍କ ସୌଜନ୍ୟରେ ପରିଚାଳିତ ହେଉଅଛି।

******